

Odia Daily

www.theutkalsamachar.com

# ଉତ୍କଳ ସମାଚାର

## THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



**ଆବଶ୍ୟକ**

**The Utkal Samachar**

www.theutkalsamachar.com

ଦୈନିକ '**ଉତ୍କଳ ସମାଚାର**' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com




# କେବେ ଚାଲିବ ବୁଲେଟ୍ ଟ୍ରେନ୍ ?



### ଉତରଦେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୧୯/୩: ଦେଶରେ ବୁଲେଟ ଟ୍ରେନ କେବେ ଚାଲିବ ତାହାକୁ ନେଇ ସାରା ଦେଶର ଲୋକେ ଅପେକ୍ଷା କରିଛନ୍ତି । ତେବେ ଶେଷ ହେବାକୁ ଯାଉଛି ଦେଶର ସବୁଠାରୁ ବଡ ପ୍ରତୀକ୍ଷାର ଅନ୍ତ । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ କେବେ ଚାଲିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ସିଏନଏନ ନ୍ୟୁଜ୍ ୧୮ର କାର୍ଯ୍ୟକ୍ରମ 'ରାଇଜିଂ ଇଣ୍ଡିଆ'ରେ ଯୋଗଦେଇ ବୈଷ୍ଣବ କହିଛନ୍ତି ଯେ ୨୦୨୬ରେ ଦେଶରେ ବୁଲେଟ୍ ଟ୍ରେନ୍ ଚାଲିବ । ଅର୍ଥାତ୍ ଆସନ୍ତା ୨ ବର୍ଷରେ ଦେଶରେ ଚାଲିବ ବୁଲେଟ ଟ୍ରେନ । ସେ କହିଛନ୍ତି, ଆମର ପ୍ରସ୍ତୁତି ବହୁତ ଦ୍ରୁତ ଗତିରେ ଚାଲିଛି ଏବଂ ୨୦୨୬ ରେ ବୁଲେଟ୍ ଟ୍ରେନ୍ ଚାଲିବ । ଭାରତୀୟ ରେଳବାଇରେ ଆସୁଥିବା ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇ ରେଳମନ୍ତ୍ରୀ କହିଛନ୍ତି ଯେ, ମୋଦୀ ସରକାରଙ୍କ ସବୁଠାରୁ ବଡ ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ସୁରକ୍ଷା । ପ୍ରଥମେ ସୁରକ୍ଷିତ ଯାତ୍ରା ଏବଂ ପରେ ସୁବିଧାର ସମ୍ପ୍ରସାରଣ ଲକ୍ଷ୍ୟ ରହିଛି । ବୁଲେଟ୍ ଟ୍ରେନର ୨୮୪ କିଲୋମିଟର ଟ୍ରାକ୍ କାମ ଶେଷ ହୋଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ଏହି ସଂଖ୍ୟା ୧୦-୧୨ ଦିନ ପୂର୍ବର, ଯେତେବେଳେ ମୁଁ ସମୀକ୍ଷା କଲି । ଅନ୍ୟ ଦେଶରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ୨୦ ବର୍ଷ ସମୟ ଲାଗିଥାଏ, କିନ୍ତୁ ଆପଣ ଭାରତରେ ଦେଖୁଛନ୍ତି ।

# ବିଜେପିର ନିର୍ବାଚନୀ ପ୍ରାକ୍ ପ୍ରସ୍ତୁତି

### ଲଚ୍ ହେଲା 'ଦି ନମୋ ମର୍ଚାଣ୍ଡାଇଜ୍'



ନୂଆଦିଲ୍ଲୀ, ୧୯/୩: ପାଖେଇ ଆସିଲାଣି ଲୋକସଭା ନିର୍ବାଚନ । ଏହା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରସୋରରେ ଚାଲିଛି ପ୍ରସ୍ତୁତି । ଏଥିମଧ୍ୟରେ ବିଜେପି ମଧ୍ୟ ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ପାଇଁ ଅଟାଂ ଭିଡ଼ିଛି । ବିଜେପି ଏହାର ଏକ ସରକାରୀ ଅଭିଯାନ ୨୦୨୪'ଦି ନମୋ ମର୍ଚାଣ୍ଡାଇଜ୍'ଲଚ୍ କରିଛି । ଏହା ଅନ୍ତର୍ଗତ ଅନେକ ସାମଗ୍ରୀରେ ମୋଦୀ ସରକାରକୁ ସମର୍ଥନ କରୁଥିବା ସ୍ଲୋଗାନ୍ ଲେଖାଯାଇଛି । ଏହା ବିଶେଷ କରି ଘବଗକ୍ଷ ଆପରେ ଉପଲବ୍ଧ ଅଟେ । ବିଜେପିର 'ଦି ନମୋ ମର୍ଚାଣ୍ଡାଇଜ୍' ଅଭିଯାନ ଅନ୍ତର୍ଗତ ଟି-ସାର୍ଟ, କଫି ମଗ୍, ଟୋପି, ବ୍ୟାଜ୍, ଷ୍ଟୋସନାରୀ, ଷ୍ଟିକର, ଫ୍ରିଜ୍ ମ୍ୟାଗନେଟ୍ ଭଳି ଅନେକ ସାମଗ୍ରୀ ସାମିଲ ଅଛି । ଏହି ସବୁ ସାମଗ୍ରୀରେ 'ଅବ୍ କି ବାର ୪୦୦ ପାଇ 'ଫିର୍ ଏକ ବାର୍ ମୋଦୀ ସରକାର', 'ମୋଦୀ କି ଗ୍ୟାରେଟିଂ', 'ମେଦୀ ହୈ ତୋ ମୁମକିନ୍ ହୈ' ଭଳି ଲୋକପ୍ରିୟ ସ୍ଲୋଗାନ୍ ଲେଖା ହୋଇଛି । ଗତ ଦଶନ୍ଧିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପ୍ରତିଶ୍ରୁତି ପୂରଣ କରିବାର ଟ୍ରାକ୍ ରେକର୍ଡ଼ ଏବଂ ମୋଦୀ ସମର୍ଥକଙ୍କ ବିଶ୍ୱାସକୁ ଆଧାର କରି ଏହି ଅଭିଯାନ ଉପରେ ଜୋର ଦିଆଯାଇଛି ।

## ଚମ୍ପୁଆରେ ବନ୍ଦର ପ୍ରଭାବ ଶୂନ

ଚମ୍ପୁଆ, ୧୯/୩: କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଶୁଆକାଟୀ ସ୍ଥିତ ଓଡ଼ିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣି ଠାରୁ ଗୁହାଳଡିହି ରେଳ ସାଇଡିଙ୍ଗ ପର୍ଯ୍ୟନ୍ତ ରେଳ ସଂଯୋଗୀ କରଣକୁ ବିରୋଧ କରି କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦିଆ ଯାଇଥିବା ବନ୍ଦ ଡାକରାର ପ୍ରଭାବ ଚମ୍ପୁଆ ସଦର ମହକୁମାରେ ପଡ଼ିନଥିବା ଦେଖିବାକୁ ମିଳିଛି । ସଂଘର ଏହି ଦିନିକିଆ ବନ୍ଦ ଡାକରାର ପ୍ରଭାବ ଜିଲ୍ଲାର ଅନ୍ୟ ସ୍ଥାନ ଗୁଡିକରେ ପଡ଼ିଥିଲେ ହେଁ ଚମ୍ପୁଆରେ ଅନ୍ୟ ଦିନ ଗୁଡିକ ପରି ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଓ କୋର୍ଟ ଖୋଲା ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ଦିନ ଏଗାରଟା ସମୟରେ ନୋ ଏଂଟ୍ରି ଖୋଲିବା ପରେ ଝାଡ଼ଖଣ୍ଡ ପଟୁ ଆସିଥିବା ଟ୍ରକ୍ ଗୁଡିକ ସ୍ୱାଭାବିକ ଭାବେ ନିଜ ଗନ୍ତବ୍ୟ ପଥରେ ଚଳାଚଳ କରିଥିଲେ ।

# ଆସୁଛି ଭୟାନକ କାଳବୈଶାଖୀ

### ୧୪ ଜିଲ୍ଲାରେ କରିବ ତାଣ୍ଡବ : ଚେତାବନୀ ଜାରି



ଭୁବନେଶ୍ୱର, ୧୯/୩ (ନି/ପ୍ର): ଆଜି ଓଡ଼ିଶାର ବିଭିନ୍ନ ଜିଲ୍ଲା କାଳବୈଶାଖୀର ପ୍ରଭାବକୁ ନେଇ ଚେତାବନୀ ଜାରି କରାଯାଇଛି । ରାଜ୍ୟର ପ୍ରାୟ ୧୪ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ ବୋଲି ଆଶଙ୍କା କରାଯାଉଛି । ବିଜୁଳି, ଘଡ଼ଘଡ଼ି ସହିତ ଝଡ଼ିବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ଘଟାଂ ପ୍ରତି ୪୫ରୁ ୫୫ କି.ମି ବେଗରେ ପବନ ବହିପାରେ । ଏହି କାଳବୈଶାଖୀର ପ୍ରଭାବକୁ ନେଇ ରାଜ୍ୟର ମୋଟ ୧୪ଟି ଜିଲ୍ଲାକୁ ଚେତାବନୀ ଜାରି କରାଯାଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲାମାନଙ୍କ ମଧ୍ୟରେ ମୟୁରଭଞ୍ଜ, କେନ୍ଦୁଝର, ଯାଜପୁର, ଢେଙ୍କାନାଳ ସମେତ କଟକ, ଖୋର୍ଦ୍ଧା, ଅନୁଗୁଳ, ନୟାଗଡ଼ ଆଦି ଜିଲ୍ଲାକୁ ଚେତାବନୀ ଦିଆଯାଇଛି । ସେହିପରି ଗଞ୍ଜାମ, ବୌଦ୍ଧ, କନ୍ଧମାଳ, ସୋନପୁର, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲା ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ତାଲିକାରେ ସାମିଲ ରହିଛନ୍ତି । ୧୪ଟି ଜିଲ୍ଲାର ସ୍ଥାନେ ସ୍ଥାନେ ୭-୧୧ ମିମି ବର୍ଷା ହେବା ନେଇ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ଏହାବ୍ୟତୀତ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ତେବେ ଆସନ୍ତା ୨୨ ତାରିଖରେ ଏହି ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ଆଶା କରାଯାଉଛି ।

## ଅମିତ ଶାହାଙ୍କୁ ଭେଟିଲେ ରାଜ୍ ଠାକରେ



ନୂଆଦିଲ୍ଲୀ, ୧୯/୩: ମହାରାଷ୍ଟ୍ର ନବନିର୍ମାଣ ସେନାର ମୁଖ୍ୟ ରାଜ ଠାକରେ ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହାଙ୍କୁ ଭେଟିଛନ୍ତି । ଲୋକସଭା ନିର୍ବାଚନ ସମୟରେ ଏନଡିଏ ସହିତ ଦକ୍ଷିଣପନ୍ଥୀ ଦଳ ଏମଏନଏସ ଦଳର ମେଂଟ ଚର୍ଚ୍ଚା ଚାଲିଥିବା ବେଳେ ଏହି ଦୁଇ ନେତାଙ୍କ ସାକ୍ଷାତକାର ବେଶ ଗୁରୁତ୍ୱବହନ କରିଛି । ରାଜ ଠାକରେ ଓ ତାଙ୍କ ପୁଅ ଅମିତ ଠାକରେଙ୍କ ସହ ଦିଲ୍ଲୀରେ ଶାହାଙ୍କୁ ସାକ୍ଷାତ କରିଥିଲେ । ମେଂଟ ହେଲେ ରାଜ ଠାକରେ ତାଙ୍କ ଦଳ ପାଇଁ ଦୁଇଟି ସିଟ୍ ଦାବି କରିପାରନ୍ତି ।

## ବିଜେଡି- ବିଜେପି ମେଂଟ ପ୍ରସଙ୍ଗରେ ପ୍ରତିକ୍ରିୟା

### ନରେନ୍ଦ୍ର ମୋଦୀ ପୁଣି ଭାରତର ପ୍ରଧାନମନ୍ତ୍ରୀ ଓ ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ : କାର୍ତ୍ତିକ ପାଣ୍ଡିଆନ



ଭୁବନେଶ୍ୱର, ୧୯/୩: ବିଜେଡି- ବିଜେପି ମେଂଟ ଚର୍ଚ୍ଚାକୁ ନେଇ ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରତିକ୍ରିୟା ରଖିଛନ୍ତି । ନେଟୱାର୍କ ୧୮ କନକ୍ଲେଭରେ ସାମିଲ ହୋଇ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଷ୍ଟେଟସମ୍ୟାନ ବୋଲି କହିଛନ୍ତି ପାଣ୍ଡିଆନ୍ । ରାଜନୀତିକୁ ଛାଡ଼ି ଦୁଇ ଜଣ ଭଲ ବନ୍ଧୁ ବୋଲି ସେ କହିଛନ୍ତି । ମେଂଟ ବାବଦରେ ସେ କେବଳ କହିଛନ୍ତି ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏକାଠି ହୋଇପାରନ୍ତି । କିନ୍ତୁ ହେବ କି ନାହିଁ ସ୍ପଷ୍ଟ କରିନାହାନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ହେବେ ଏବଂ ନରେନ୍ଦ୍ର ମୋଦୀ ମଧ୍ୟ ପ୍ରଧାନମନ୍ତ୍ରୀ ହେବେ ବୋଲି ସେ କହିଛନ୍ତି । ବଡ଼ କଥା ହେଉଛି ସେ କହିଛନ୍ତି, ଓଡ଼ିଶାରେ ବିଜେଡିକୁ ସରକାର ଗଢ଼ିବାକୁ ହେଲେ ବିଜେପିର ଆବଶ୍ୟକତା ନାହିଁ କି କେନ୍ଦ୍ରରେ ବିଜେପିକୁ ସରକାର ଗଢ଼ିବାକୁ ହେଲେ ବିଜେଡିର ସହଯୋଗ ଆବଶ୍ୟକ ପଡ଼ିନପାରେ । ତେବେ ଦୁଇଟି ଦଳ ନିଜ ନିଜ ସ୍ଥାନରେ ମଜବୁତ ଅଛନ୍ତି । ଶ୍ରୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ, ଜଣେ କଣ ପାଇଁ ମେଂଟରେ ସାମିଲ ହେବ ଜଣେ ନିର୍ବାଚନ ଜିତିବାକୁ ମେଂଟରେ ସାମିଲ ହୁଏ । ହେଲେ ଏଠାରେ ମୁଖ୍ୟମନ୍ତ୍ରୀ ବେଶ ଲୋକପ୍ରିୟ ଆଉ ସେ ଲଗାତାର ନିର୍ବାଚନ ଜିତୁଛନ୍ତି । ନବୀନ ପଟ୍ଟନାୟକଙ୍କୁ ମେଂଟର ଆବଶ୍ୟକତା ନାହିଁ । ଖାଲି ସେତିକି ନୁହେଁ, ବିଜେଡିକୁ ବିଜେପିର ଆବଶ୍ୟକତା ନାହିଁ, ବିଜେପିକୁ ମଧ୍ୟ କେନ୍ଦ୍ରରେ ସରକାର ଗଢିବାକୁ ବିଜେଡିର ଆବଶ୍ୟକତା ନାହିଁ ।

## ମେଂଟ ନେଇ କୌଣସି ଦ୍ୱନ୍ଦ ନାହିଁ : ଜୁଏଲ ଓରାମ



ଭୁବନେଶ୍ୱର, ୧୯/୩: ରାଜ୍ୟରେ ମେଂଟ ନେଇ କୌଣସି ପ୍ରକାର ଦ୍ୱନ୍ଦ ନାହିଁ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜୁଏଲ ଓରାମ । ପାର୍ଟି କାର୍ଯ୍ୟାଳୟ ଠାରେ ମେଂଟ ଚର୍ଚ୍ଚା ପ୍ରସଙ୍ଗରେ ସାମ୍ବାଦିକ ମାନଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ଦେଇ ବିଜେପି ସାଂସଦ ଜୁଏଲ ଓରାମ ଏହା କହିଛନ୍ତି । ସେ କହିଛନ୍ତି ଯେ, ପ୍ରାର୍ଥୀ ମାନଙ୍କର ସମ୍ଭାବିତ ତାଲିକା କେନ୍ଦ୍ରକୁ ପଠାଯାଇଛି । ଯାହା କେନ୍ଦ୍ର ନିଷ୍ପତ୍ତି ନେବ ସେହି ଅନୁସାରେ ହେବ ।


**ଆବଶ୍ୟକ**

**ଉତ୍କଳ ସମାଚାର**

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ '**ଉତ୍କଳ ସମାଚାର**' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com


## ମୋଦୀଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ପଶୁପତି ପାରସ



ନୂଆଦିଲ୍ଲୀ, ୧୯/୩: ଲୋକସଭା ନିର୍ବାଚନର ତାରିଖ ଘୋଷଣା ହେବା ପରେ ଦେଶରେ ବିଭିନ୍ନ ଦଳ ମଧ୍ୟରେ ଆସନ ଭାଗବଟାଂ ଓ ମେଂଟ ନେଇ ବିବାଦ ଦେଖାଦେଇଛି । ଏହାରି ଭିତରେ ମଙ୍ଗଳବାର ମୋଦୀଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଛନ୍ତି ପଶୁପତି ପାରସ । ସାମ୍ବାଦିକ ସମ୍ମିଳନୀ କରି ପଶୁପତି ନିଜର ଇସ୍ତଫା ଘୋଷଣା କରି କହିଛନ୍ତି ଯେ ମୋ ପ୍ରତି ଏବଂ ମୋ ଦଳ ପ୍ରତି ଅନ୍ୟାୟ କରାଯାଇଛି । ବିହାରରେ ଆସନ ବୁଝାମଣାରେ ବିଜେପି ୧୬ଟି ଲୋକସଭା ଆସନ, ଜେଡିୟୁ ୧୬ଟି, ଚିରାଗ ପାଶୱାନଙ୍କ ନେତୃତ୍ୱାଧୀନ ଦଳ ୫ଟି, ଉପେନ୍ଦ୍ର କୁଶୱା ଏବଂ ଜୀତନରାମ ମାଝିଙ୍କ ଦଳକୁ ଗୋଟିଏ ଲେଖାଏଁ ଆସନ ମିଳିଥିଲା । ହେଲେ ପଶୁପତିଙ୍କ ଦଳକୁ ଗୋଟିଏ ବି ଆସନ ମିଳିନଥିବାରୁ ସେ ଅସନ୍ତୁଷ୍ଟ ହୋଇଥିଲେ । ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବା ପରେ ରାଷ୍ଟ୍ରୀୟ ଜନତା ଦଳ ସହ ଏକ ମେଂଟ କରିପାରେ କି ସାମ୍ବାଦିକଙ୍କ ପ୍ରଶ୍ନରେ ପଶୁପତି ଏହାର ସିଧାସଳଖ ଉତ୍ତର ଦେଇନଥିଲେ । ସେ କହିଛନ୍ତି ମୁଁ ଯାହା କରିବା କଥା କହିସାରିଛି, ଭବିଷ୍ୟତରେ ଯାହା ଘଟିବ ଆପଣମାନେ ଜାଣିବେ । ସୋମବାର ଦିନ ବିଜେପି ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଇନ୍ସ (ଏନଡିଏ) ବିହାରରେ ଲୋକସଭା ନିର୍ବାଚନ ପାଇଁ ଆସନ ବାଟିଂବା ସୂତ୍ର ଘୋଷଣା କରି ବିଜେପିକୁ ୧୭ ଟି, ଜେଡି (ୟୁ) କୁ ୧୬ ଟି ଏବଂ ଚିରାଗ ପାସୱାନଙ୍କ ଏଲଜେପି (ରାମ ଭିଲାସ) କୁ ୫ ଟି ସିଟ୍ ପ୍ରଦାନ କରିଛି । ହେଲେ ପାରସଙ୍କ ଦଳକୁ ଗୋଟାଏ ହେଲେ ବି ଆସନ ମିଳିନାହିଁ । ଅନ୍ୟ ଦୁଇ ଏନଡିଏ ସହଯୋଗୀ – ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍ଏଏମ୍) ଏବଂ ଉପେନ୍ଦ୍ର କୁଶୱାଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ପ୍ରତ୍ୟେକ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଆସନ ବାଟିଂବା ଚୁକ୍ତିରେ ପାଶୁପତି ପରାସର ଏଲଜେପି ଦଳକୁ ଗୋଟାଏ ବି ଆସନ ନମିଳିବା ନେଇ ସେ ଦୁଃଖୀ ହୋଇଥିଲେ ।

## ଘାଟିରେ ଅଟୋ ଓଲଟି ୭ ଜଣ ଗୁରୁତର



ମ.ରାମପୁର, ୧୯/୩ : ଘାଟିରେ ଅଟୋ ଓଲଟି ୭ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଘଟଣାଟି ଘଟିଛି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଦେଢଶୁଳି ପଚାଂୟତର ଜାମୁଲି ଘାଟିରେ । ଆଜି ଅପରାହ୍ଣରେ ଏକ ବିବାହ ଭୋଜି ଖାଇବାକୁ ସାରେଙ୍ଗପଡା ଗାଁରୁ ମାସ୍କାପୁଡି ଗାଁକୁ ଏକ ଅଟୋରେ ଯାଉଥିବା ସମୟରେ ଜାମୁଲି ଘାଟିରେ ଅଟୋଟି ଭାରସାମ୍ୟ ହରାଇଥିଲା ,ଫଳରେ ଅଟୋରେ ବସିଥିବା ୧୫ଜଣଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ଥିବା ବେଳେ ଜଣେ ପୁରୁଷ ଥିବା ଜଣାପଡିଛି । ଅନ୍ୟମାନଙ୍କୁ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏହି ଘାଟି ରାସ୍ତାଟି ଅଣ ଓସାରିଆ ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣା ପଡିଛି । ଗୁରୁତର ଆହତ ମାନେ ହେଲେ ସାରେଙ୍ଗପଡା ଗାଁର କରେଲି ମାଝୀ, ମିଖାଲା ବେନିଆ, ନିଲେନ୍ଦ୍ରି ବେନିଆ ଓ ଅନ୍ୟ ୨ଜଣ ହେଲେ ପଟାଙ୍ଗି ଗାଁର ସମାଲି ମାଝୀ, ବ୍ରଜ ହରିଜନ ବୋଲି ଜଣାପଡିଛି ।

# ବିବିଧା

## ଅଫିସ୍ ଟାଇମିଂ ପରେ ନିଜକୁ ଫିଟ୍ ରଖିବାର ଉପାୟ...



## ରାମ ଡ୍ରାକରେ ଶେହନାଜ ଟ୍ରୋଲ୍





## ଶରୀର ପାଇଁ ସ୍ୱାସ୍ଥ୍ୟ କର ହେଙ୍ଗୁ





## ଗିରଫ ଡରରେ ରାଖୀ ଦୁବାଇରେ ଲୁଚିଛନ୍ତି : ଆଦିଲ



ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୨୦ ମାର୍ଚ୍ଚ ୨୦୨୪**

# ବନ୍ଧୁତ୍ୱ ଓ ବିବାଦ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନକୁ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ଥିବା ବେଳେ ଭାରତ- ଆମେରିକା '୨+୨' ଦ୍ୱିପାକ୍ଷିକ ଆଲୋଚନାର ତୃତୀୟ ସଂସ୍କରଣ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ ଯେ ଅଧିକ ନିବିଡ଼ ହୋଇଛି, ଏହି ବୈଠକ ତାହା ଦର୍ଶାଇଛି । ସୂଚନାଯୋଗ୍ୟ ଯେ ଏହି ବୈଠକ ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ ଯେଉଁଥିରେ ଦୁଇ ରାଷ୍ଟ୍ରର ବିଦେଶ ଏବଂ ପ୍ରତିରକ୍ଷା ମନ୍ତ୍ରୀମାନେ ମିଳିତ ହୋଇ ଆନ୍ତର୍ଜାତିକ ସୁରକ୍ଷା ବ୍ୟାପାର ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥାନ୍ତି । ଚଳିତ ଥରର ବୈଠକ ଭାରତର ଲଦାଖ୍ ସୀମାରେ ଚୀନ୍‌ର ଔଦ୍ଧତ୍ୟ ପ୍ରଦର୍ଶନ ପ୍ରେକ୍ଷାପଟ୍ଟରେ ଅନୁଷ୍ଠିତ ହୋଇ ଥିବାରୁ ତଥା ବର୍ତ୍ତମାନ ସମୟରେ ଚୀନ୍ ଉଭୟ ପକ୍ଷଙ୍କର ଚକ୍ଷୁଶୂଳ ହୋଇ ଥିବାରୁ, ଏହା ଉଭୟ ପକ୍ଷଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ସୁଯୋଗ ପ୍ରଦାନ କରିଛି । ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ଆରମ୍ଭରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚୀନ୍‌ର 'ଦାୟିତ୍ୱହୀନ ଆକ୍ରୋଶମୂଳକ ମନୋଭାବ ପ୍ରଦର୍ଶନ' ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହାଦ୍ୱାରା ସେ ସମ୍ଭବତଃ ପୂର୍ବ ଲଦାଖ୍‌ରେ ଚୀନ୍ ନେଇଥିବା ପଦକ୍ଷେପ ବିଫଳ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କର ଏପରି ସୂଚନା ନିଶ୍ଚିତ ଭାବରେ ଦେଶବାସୀଙ୍କର ନୈତିକ ମନୋବଳକୁ ବୃଦ୍ଧି କରିବ । ସଙ୍ଗେ ସଙ୍ଗେ ଏହା ଭାରତ ସହିତ ଆମେରିକାର ସମ୍ପର୍କ ଶତ୍ରୁ ପାଇଁ ଭୀତିପ୍ରଦ ହୋଇ ଥିବାକୁ ପୁଷ୍ଟି କରିଛି । ଆଉ ଏହାକୁ ଅଧିକ ପୁଷ୍ଟ କରିବା ନିମନ୍ତେ ଚୀନ୍ ଉପରେ ଖପ୍ପା ଆମେରିକାର ଷ୍ଟେଟ୍ ସେକ୍ରେଟାରୀ ମାଇକ୍ ପମ୍ପିଓ ବୈଠକ ଉପରାନ୍ତ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ଭାରତର 'ସାର୍ବଭୌମତ୍ୱ' ରକ୍ଷା କରିବା ନିମନ୍ତେ ଆମେରିକା ସବୁକିଛି କରିବ । ମଙ୍ଗଳବାରର ବୈଠକରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇଛି, ଯାହା ଆମେରିକା କୌଣସି ଦେଶ ସହିତ ନିବିଡ଼ ସମ୍ପର୍କ ପ୍ରତିଷ୍ଠା କରିବାର ସୂଚକ । ଏହା ହେଉଛି ଭୂ-ସ୍ଥାନିକ ସହଯୋଗ ନିମନ୍ତେ ବେସିକ୍ ଏକ୍ସଚେଞ୍ଜ୍ ଆଣ୍ଡ୍ କୋଅପରେସନ୍ ଏଗ୍ରିମେଣ୍ଟ (ବିଇସିଏ), ଯାହା ଭାରତ ଏବଂ ଆମେରିକାର ପ୍ରତିରକ୍ଷା ବଳଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଓ ସହଯୋଗକୁ ସୁଗମ କରାଇବ । ଏତଦ୍ ବ୍ୟତୀତ ଅନ୍ୟ କେତେକ ରାଜିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି ଯେଉଁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ କୋଭିଡ୍-୧୯ ସହଯୋଗ, ଆମେରିକାରେ କୌଶଳପୂର୍ଣ୍ଣ ପେଟ୍ରୋଲିଅମ୍ ସଂରକ୍ଷଣାଗାର ନିର୍ମାଣ, ପରିପୋଷଣୀୟ ଶକ୍ତି, ମହାକାଶ, ସାଇବର ସ୍ପେସ୍, ଆତଙ୍କବାଦ-ବିରୋଧୀ କାର୍ଯ୍ୟକ୍ରମ ଏବଂ ନିଶାଦ୍ରବ୍ୟ କାରବାର ବିରୋଧୀ ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ । ବୈଠକ ପରେ ପ୍ରଦାନ କରାଯାଇଥିବା ମିଳିତ ବିବୃତିରେ ପାକିସ୍ତାନ ପ୍ରତି ମଧ୍ୟ ବାର୍ତ୍ତା ପ୍ରଦାନ କରାଯାଇଛି । ନିଜ ମାଟିରେ ଏହାକୁ ସୀମାପାର ଆତଙ୍କବାଦୀ ଗୋଷ୍ଠୀମାନଙ୍କ ବିରୁଦ୍ଧରେ 'ତୁରନ୍ତ, ନିରବଚ୍ଛିନ୍ନ ତଥା କଠୋର' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୨୦୦୮ ମୁମ୍ବାଇ ଆକ୍ରମଣ ଏବଂ ୨୦୧୬ ଉରି ଓ ପଠାଣକୋଟ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ଆଇନାନୁସାରେ ଦଣ୍ଡିତ କରିବାକୁ ଉଭୟ ରାଷ୍ଟ୍ର କହିଛନ୍ତି । ମୋଟାମୋଟି ଗଣମାଧ୍ୟମକୁ ସୂଚନା ଦେଇ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ଏକ ବଳିଷ୍ଠ 'ରାଜନୀତିକ ସାମରିକ' ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ଥିଲା । ଚଳିତ ଥରର ବୈଠକ ଯେ ଚୀନ୍‌ର ବିସ୍ତାରବାଦୀ ନୀତି ଉପରେ ରୋକ୍ ଲଗାଇବା ପାଇଁ ସମ୍ପର୍କ ବୃଦ୍ଧି କରିବାର ମୂଳ ଲକ୍ଷ୍ୟ ନେଇ ଅନୁଷ୍ଠିତ ହୋଇଥିଲା, ତାହା ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାଇକ୍ ପମ୍ପିଓଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରିହୋଇ ପଡ଼ିଥିଲା । କାରଣ, ପମ୍ପିଓ ତାଙ୍କର ପ୍ରତ୍ୟେକଟି କଥାରେ ଚୀନ୍ ତରଫରୁ ସୃଷ୍ଟ ଆହ୍ୱାନଗୁଡ଼ିକ ତଥା 'ଚୀନ୍ କମ୍ୟୁନିଷ୍ଟ ପାର୍ଟି'ର ମୁକାବିଲା କରିବା ନିମନ୍ତେ ଏକ ବିରୋଧୀ ମେଣ୍ଟ ଗଠନ କରିବା ସମ୍ପର୍କରେ କହୁଥିଲେ । ଏତଦ୍ ବ୍ୟତୀତ ସେ ଏଥିପାଇଁ ଆମେରିକା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ । କେବଳ ଭାରତରେ ନୁହେଁ, ଏହାପରେ ପମ୍ପିଓ ଗସ୍ତ କରିଥିବା କଲମ୍ବୋ ଏବଂ ମାଲେରେ ମଧ୍ୟ ବୁଧବାର ଦିନ ଚୀନ୍‌ର 'ବୃଦ୍ଧି ପାଉଥିବା ଆକ୍ରୋଶମୂଳକ ମନୋଭାବ ତଥା ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟକଳାପଗୁଡ଼ିକ' ସମ୍ବନ୍ଧରେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଚୀନ୍‌ର 'ଖରାପ କାରବାର ଏବଂ ଭୂଭାଗ ଓ ସମୁଦ୍ରରେ ସାର୍ବଭୌମତ୍ୱ ଉଲ୍ଲଙ୍ଘନ'ର ବିରୋଧ କରିବା ସହିତ ବିକଳ୍ପ ବାହାର କରିବା ପ୍ରସଙ୍ଗ ଉଠାଇଛନ୍ତି । ସେ ଯାହାହେଉ, ଆମେରିକାର ନିର୍ବାଚନ ଫଳାଫଳ ପୂର୍ବରୁ ଆମେରିକୀୟ ପ୍ରତିନିଧିମାନଙ୍କ ସହିତ ଏହି ବୈଠକ ଭାରତ ପାଇଁ ଏଇ ଦୃଷ୍ଟିରୁ ଆଶ୍ୱାସନାମୂଳକ ହୋଇଛି ଯେ ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ନିର୍ବିଶେଷରେ ଦ୍ୱିପାକ୍ଷିକ ସମ୍ପର୍କର ମୂଳଦୁଆ ପୂର୍ବାପେକ୍ଷା ଅଧିକ ଦୃଢ଼ ହୋଇଛି । ଯଦିଓ ନିର୍ବାଚନ ପରବର୍ତ୍ତୀ ଅନ୍ୟାନ୍ୟ ଦ୍ୱିପାକ୍ଷିକ ବାର୍ତ୍ତାଳାପ ବା କାରବାର ପାଇଁ କିଛି ସମୟ ଲାଗିବ, ତେବେ ସ୍ୱାକ୍ଷରିତ ହୋଇଥିବା ବିଇସିଏ ରାଜିନାମା ଭାରତର ପ୍ରତିରକ୍ଷା ଏବଂ ରଣକୌଶଳଗତ ସାମର୍ଥ୍ୟ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପୁନଶ୍ଚ, ଉପରୋକ୍ତ ଦ୍ୱିପାକ୍ଷିକ ଆଲୋଚନା କାଳରେ ଭାରତ ଚୀନ୍ ସମ୍ପର୍କରେ କୌଣସି ପ୍ରକାର ସମ୍ପର୍କ ଛିନ୍ନକାରୀ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରହିଥିଲା, ଯାହା ପ୍ରକୃତ ନିୟନ୍ତ୍ରଣ ରେଖା ଏକ 'ଦ୍ୱିପାକ୍ଷିକ ପ୍ରସଙ୍ଗ' ବୋଲି ସୂଚାଇ ଦେବା ପାଇଁ ପର୍ଯ୍ୟାପ୍ତ ଥିଲା । ଏହା ମଧ୍ୟ ସୂଚନା ପ୍ରଦାନ କରିଛି ଯେ ଭାରତ ଯଦିଓ ଆମେରିକାର ସମର୍ଥନ, ସହଯୋଗ ଓ ସହାୟତାକୁ ସାଦରେ ସ୍ୱୀକାର କରିଛି, ତଥାପି ନିଜର ପଡ଼ୋଶୀମାନଙ୍କ ସହିତ ବିବାଦର ଏହା ନିଜେ ସମାଧାନ କରିବା ପାଇଁ କୌଶଳପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ବଜାୟ ରଖିବ, ଯାହା ଅବଶ୍ୟ ପ୍ରଶଂସାର୍ହ ।

# ମୋଦିଙ୍କ ସଫଳତା



ବିଶ୍ୱର ନେତାମାନଙ୍କୁ ଲୋକଙ୍କ ପସନ୍ଦ ଅନୁସାରେ ଦେଖିଲେ ନରେନ୍ଦ୍ର ମୋଦି ଏବେ ସବୁଠୁ ଆଗରେ ରହିଛନ୍ତି । ଆମେରିକାର ମର୍ଣ୍ଣିଂ କନସଲ୍‌ଟ ନାମକ ଏକ ସଂସ୍ଥା ନିକଟରେ ଯେଉଁ ରେଟିଂ ପ୍ରଦାନ କରିଛି ସେଥିରେ ବିଶ୍ୱର ପ୍ରମୁଖ ୧୩ଜଣ ନେତାଙ୍କ ମଧ୍ୟରେ ମୋଦି ୭୭ ପ୍ରତିଶତ ଲୋକଙ୍କ ପସନ୍ଦରେ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୧୮ତାରିଖରେ ଏହି ରେଟିଂ ତାଲିକା ପ୍ରକାଶ ପାଇଛି । ଜାନୁଆରୀ ୨୦୨୦ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୯ରୁ ୧୫ ମଧ୍ୟରେ ଏହି ସର୍ବେକ୍ଷଣ ହୋଇଥିଲା । ମୋଦିଙ୍କ ପଛକୁ ମେକସିକୋର ଆନ୍ଦ୍ରେଜ ମାନୁଏଲ ଲୋପେଜ୍ ୬୩ ପ୍ରତିଶତ, ଇଟାଲୀର ମାରିଓ ଦ୍ରାଘି ୫୪ ପ୍ରତିଶତ, ଜର୍ମାନୀର ଓଲାଫ ସ୍କଲଜ୍ ୪୫ପ୍ରତିଶତ, ଜାପାନର ଫୁମିଓ କିସିଡା ୪୨ପ୍ରତିଶତ, କାନାଡାର ଜଷ୍ଟିନ ଟ୍ରୁଡେଉ ୪୨ପ୍ରତିଶତ, ଆମେରିକାର ଜୋ ବାଇଡେନ ୪୧ପ୍ରତିଶତ, ଫ୍ରାନ୍ସର ଇମାନୁଏଲ ମାକ୍ରୋନ ୪୧ପ୍ରତିଶତ, ଅଷ୍ଟ୍ରେଲିଆର ସ୍କଟ ମରିସନ ୪୧ ପ୍ରତିଶତ, ଦକ୍ଷିଣ କୋରିଆର ମୁନ୍ ଜାଇ -ଇନ୍ ୪୦ପ୍ରତିଶତ, ବ୍ରାଜିଲର ଜୈର ବୋଲସେନାରୋ ୩୯ ପ୍ରତିଶତ, ସ୍ପେନର ପେଡ୍ରୋ ସାଂଚେଜ୍ ୩୮ପ୍ରତିଶତ ଏବଂ ବ୍ରିଟେନର ବୋରିସ ଜନ୍‌ସନ୍ ୩୩ ପ୍ରତିଶତ ଲୋକଙ୍କ ପସନ୍ଦର ନେତା ରହିଛନ୍ତି । ୨ମଇ ୨୦୨୦ରେ ମୋଦିଙ୍କ ପସନ୍ଦ ହାର ସର୍ବାଧିକ ୮୪ପ୍ରତିଶତ ରହିଥିଲା । ଗତବର୍ଷ ୭ମଇ ୨୦୨୧ରେ ଏହି ହାର ସର୍ବନିମ୍ନ ୬୩ପ୍ରତିଶତ ରହିଥିଲା । କେବଳ ଦେଶ ଭିତରେ ଯେ ମୋଦି ପସନ୍ଦର ନେତା ତା ନୁହେଁ, ବିଦେଶରେ ମଧ୍ୟ ସେ ଅନେକ ରାଷ୍ଟ୍ରରୁ ସମ୍ମାନିତ ହୋଇଛନ୍ତି । ସାଉଦି ଆରବ ପକ୍ଷରୁ ପ୍ରଦତ୍ତ ଅଣମୁସଲିମ ନେତୃତ୍ୱଙ୍କୁ ପ୍ରଦାନ କରାଯାଉଥିବା ଅର୍ଡର ଅଫ ଅବଦୁଲ୍ଲାଜିଜ ଅଲ ସାଉଦ (୨୦୧୬), ଆଫଗାନିସ୍ଥାନର ସର୍ବୋଚ୍ଚ ନାଗରିକ ସମ୍ମାନ ଷ୍ଟେଟ ଅର୍ଡର ଅଫ ଅମିର ଅମାନୁଲ୍ଲା ଖାଁ (୨୦୧୬), ପାଲେଷ୍ଟାଇନର ବିଦେଶୀଙ୍କୁ ପ୍ରଦତ୍ତ ସର୍ବୋଚ୍ଚ ପୁରସ୍କାର ଗ୍ରାଣ୍ଡ କଲାର ଅଫ୍ ଦି ଷ୍ଟେଟ୍ ଅଫ ପାଲେଷ୍ଟାଇନ (୨୦୧୬), ୟୁନାଇଟେଡ୍ ଆରବ ଅମିରାତ ପକ୍ଷରୁ ପ୍ରଦତ୍ତ ସର୍ବୋଚ୍ଚ ନାଗରିକ ସମ୍ମାନ (୨୦୧୯) ରୁଷିଆର ସର୍ବୋଚ୍ଚ ନାଗରିକ ସମ୍ମାନ ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରିଉ (୨୦୧୯), ମାଳଦ୍ୱୀପର ବିଦେଶୀଙ୍କୁ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ ରୁଲ ଅଫ ନିସାନ ଇଜୁଦ୍ଦୀନ (୨୦୧୯), ବାହାରିନ୍‌ର ସର୍ବୋଚ୍ଚ ପୁରସ୍କାର କିଙ୍ଗ ହମଦ ଅର୍ଡର ଅଫ୍ ରେନେସାଁ (୨୦୧୯), ଆମେରିକା ସେନା ପକ୍ଷରୁ ପ୍ରଦତ୍ତ ଲେଜିଅନ୍ ଅଫ ମେରିଟ୍ (୨୦୨୦) ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଏହାବାଦ କେତେକ ସଂଗଠନ ପକ୍ଷରୁ ମୋଦିଙ୍କୁ ମଧ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଦକ୍ଷିଣ କୋରିଆର ସିଓଲ ପିସ ପ୍ରାଇଜ (୨୦୧୮), ଜାତିସଂଘର ସର୍ବୋଚ୍ଚ ପରିବେଶ ପୁରସ୍କାର ଚମ୍ପିଅନ ଅଫ ଦି ୟର୍ଥ ଆୱାର୍ଡ (୨୦୧୮), ଫିଲିପକୋଟଲର ରାଷ୍ଟ୍ରପତି ପୁରସ୍କାର (୨୦୧୯), ବିଲ ଏଣ୍ଡ୍ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ ପାଇଁ ପ୍ରଦତ୍ତ ଗ୍ଲୋବାଲ ଗୋଲକିପର ପୁରସ୍କାର ( ୨୦୧୯), କେମ୍ବ୍ରିଜ୍ ଏନର୍ଜି ରିସର୍ଚ୍ଚ ଆସୋସିଏଟ୍ସ(ସେରା) ପକ୍ଷରୁ ପ୍ରଦତ୍ତ ଗ୍ଲୋବାଲ ଏନର୍ଜୀ ଏଣ୍ଡ ଏନ୍‌ଭିରନମେଣ୍ଟ ଲିଡରସିପ୍ ପୁରସ୍କାର (୨୦୨୧) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇଛନ୍ତି । ନିକଟରେ ଅନୁଷ୍ଠିତ ପାଁଗୋଟି ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପି ପୂର୍ବରୁ କ୍ଷମତାରେ ଥିବା ଚାରିଗୋଟି ରାଜ୍ୟରେ କ୍ଷମତାସୀନ ହେବା ମୋଦିଙ୍କ ପାଇଁ ଖୁସିର କଥା । କାରଣ ସବୁ ରାଜ୍ୟରେ ନିର୍ବାଚନ ପ୍ରଚାରରେ ଯାଇ ସେ ଦଳର ମୁଖ୍ୟ ପ୍ରଚାରକର୍ତ୍ତା ହୋଇଥିଲେ । ଭିନ୍ନ ଭିନ୍ନ ରାଜ୍ୟରେ ସେ ନିଜେ ଏକ ବିଷୟ ପାଲଟିଥିଲେ । ପ୍ରାଦେଶିକ ସରକାରଙ୍କୁ ଜନବିରୋଧ ନିକଟରେ ସେ ଭାରୀ ହୋଇଥିଲେ । ତାଙ୍କର ଦେଶ ଓ ବିଦେଶରେ ନେତୃତ୍ୱ ତଥା ସମସ୍ୟା ସମାଧାନରେ ଦକ୍ଷତା ଭୋଟରଙ୍କୁ ଅଧିକ ପ୍ରଭାବିତ କରିବାରେ ସହାୟକ ହୋଇଥିଲା । ଯେଉଁଥିପାଇଁ ବିରୋଧୀ ଦଳଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଜେପିର ସରକାର ପୁନର୍ବାର କ୍ଷମତାକୁ ଫେରିଛି । ଦେଶରେ କୃଷି ଉତ୍ପାଦନର ତିନିଗୁଣା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦି ୨୦୨୦ରେ ଯେଉଁ କୃଷିବିଲ୍ ଲାଗୁ କରିଥିଲେ ତାହା କିପରି ଭଲଥିଲା ଏବେ ସୁପ୍ରିମକୋର୍ଟଙ୍କ ରିପୋର୍ଟରୁ ଜଣାପଡିଛି । ଉକ୍ତ ବିଲକୁ ଦେଶର ୮୬ପ୍ରତିଶତ କୃଷକ ସଂଗଠନ ସମର୍ଥନ କରୁଥିଲା ବେଳେ ମାତ୍ର ୧୪ପ୍ରତିଶତ କୃଷକ ସଂଗଠନ ବିରୋଧ କରୁଥିବା ବିଷୟ ସୁପ୍ରିମକୋର୍ଟର କମିଟି ପ୍ରକାଶ କରିଛନ୍ତି । ତେଣୁ ଦିଲ୍ଲୀ ସୀମାରେ ଦୀର୍ଘ ଏକ ବର୍ଷ ବ୍ୟାପି ଆନ୍ଦୋଳନ, ହିଂସାକାଣ୍ଡ ଆଦି ତାମସା ସଦୃଶ ଥିଲା ବୋଲି ଏଥିରୁ ପ୍ରମାଣିତ । ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଯେ ଦୂରଦୃଷ୍ଟି ସଂପନ୍ନ ଥିଲା ତାହା ବେଶ୍ ସ୍ପଷ୍ଟ । ଇତି ମଧ୍ୟରେ ଉକ୍ତ ବିଲକୁ କେନ୍ଦ୍ର ସରକାର ଫେରାଇ ନେଇଥିଲେ ହେଁ ପୁନର୍ବାର ଲାଗୁ କରିବାର ଯଥେଷ୍ଟ ଯୁକ୍ତି ରହିଛି । ସଂପ୍ରତି ରୁଷ-ୟୁକ୍ରେନ ମଧ୍ୟରେ ଏକମାସରୁ ଅଧିକ କାଳ ହେଲା ଯୁଦ୍ଧ ଜାରିଥିଲା ବେଳେ ଜାତିସଂଘରେ ସନ୍ତୁଳିତ ବ୍ୟବହାର ପ୍ରଦର୍ଶନ ସହ ଦୁଇଦେଶର ରାଷ୍ଟ୍ରପତିମାନଙ୍କ ସହ ଆଲୋଚନା ଜାରିରଖି କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାନବିକ ସହାୟତା ଭାରତ ସରକାର ପଠାଇଛନ୍ତି । ଯୁଦ୍ଧର ଘନଘଟା ମଧ୍ୟରେ ୟୁକ୍ରେନରେ ଅଟକି ରହିଥିବା କୋଡିଏ ହଜାରରୁ ଅଧିକ ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଗଙ୍ଗା ପ୍ରଧାନମନ୍ତ୍ରୀଙ୍କ ଏକ ସଫଳ ପଦକ୍ଷେପ ଥିଲା ବୋଲି କହିହେବ । ଏଥିରେ ପୋଲାଣ୍ଡ, ହଙ୍ଗେରୀ, ମାଲଡୋରା, ସ୍ଲୋଭାକିଆ, ରୁଷିଆ ଆଦି ଦେଶରୁ ଭାରତୀୟଙ୍କୁ ଅଣାଯିବା ପରେ ସେଠାରୁ ଦେଶକୁ ସ୍ୱତନ୍ତ୍ର ବିମାନ ଯୋଗେ ଫେରାଇ ଅଣାଯାଇଥିଲା । ଏଥିପାଇଁ ୪ଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ବିଦେଶକୁ ପଠାଇବା ସହ ଦେଶର ଭିନ୍ନ ଭିନ୍ନ ବିମାନ ବନ୍ଦରରେ ସେମାନଙ୍କ ବ୍ୟବସ୍ଥିତ ଯାତ୍ରା ପାଇଁ ଅନେକ କେନ୍ଦ୍ରମନ୍ତ୍ରୀ ନିଯୁକ୍ତ ହୋଇଥିଲେ । ଏହା ପୂର୍ବରୁ କୋରୋନା କାଳରେ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇଥିଲେ ତାହା ଏବେ ସଫଳ ହୋଇଛି । ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିବାପାଇଁ ଲକ୍ଷ୍ୟରଖି ଗତବର୍ଷ ୪୦୦ ବିଲିଅନ ଡଲାରର ଟାର୍ଗେଟ ରଖାଯାଇଥିଲା । କାରଣ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ରପ୍ତାନୀ ୨୯୬ ବିଲିଅନ ଡଲାର ଥିଲା । କିନ୍ତୁ ମାର୍ଚ୍ଚମାସ ୨୧ତାରିଖ ଦିନ ୨୦୨୧-୨୨ବର୍ଷରେ ୪୦୦ ବିଲିଅନ ରପ୍ତାନୀ ଲକ୍ଷ୍ୟକୁ ଅତିକ୍ରମ କରିବା ସରକାରଙ୍କ ନିଷ୍ଠାପର ଉଦ୍ୟମ ବୋଲି କହିବାକୁ ହେବ । କାରଣ ପୂର୍ବରୁ ଭାରତ ଏତେ ପରିମାଣର ରପ୍ତାନୀ କରିବାକୁ ସକ୍ଷମ ହୋଇନଥିଲା । ମାର୍ଚ୍ଚ ମାସ ଶେଷ ସୁଦ୍ଧା ୪୧୦ ବିଲିଅନ ଡଲାର ରପ୍ତାନୀ ହେବା ସମ୍ଭବ । ଆଗାମୀ ବର୍ଷରେ ଏହି ଧାରା ଜାରି ରହିଲେ ୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପହଞ୍ଚିବାକୁ ଅଧିକ ସମୟ ଲାଗିବ ନାହିଁ । କାରଣ ଯୁଦ୍ଧକାଳୀନ ପରିସ୍ଥିତିରେ ବିଶ୍ୱରେ ଖାଦ୍ୟାନ୍ନ ସଂକଟ ଘନୀଭୂତ ହୋଇଆସୁଥିଲା ବେଳେ ଭାରତ ପାଖରେ ପର୍ଯ୍ୟାପ୍ତ ଖାଦ୍ୟାନ୍ନ ରହିଛି । ଏହାକୁ ରପ୍ତାନୀ କରି ଭାରତ ଅଧିକ ଲାଭବାନ ହେବାର ସମ୍ଭାବନା ରହିଛି । ରୁଷିଆର ବଜାରରୁ ଇଉରୋପର ଔଷଧ କମ୍ପାନୀମାନେ ବାହାରିଯିବା ସ୍ଥିତି ସୃଷ୍ଟି ହୋଇଛି । ପୃଥିବୀର ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତର ଦକ୍ଷତା ହେତୁ ଏହି ବଜାରକୁ ଭାରତ ଦଖଲ କରିବାକୁ ସକ୍ଷମ ହେଲେ ଔଷଧର ରପ୍ତାନୀ ଢେର ବୃଦ୍ଧିପାଇବ । ନିକଟରେ ବିଦେଶକୁ ଗହମ ରପ୍ତାନୀର ଆଦେଶକୁ ଠିକଣା ସମୟରେ ସଂପନ୍ନ କରିବା ପାଇଁ କେନ୍ଦ୍ର ସରକାର ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ମାଲବହନକାରୀ ରେଳ ଚଳାଚଳ ନିମନ୍ତେ ନିଷ୍ପତି ନେଇଛନ୍ତି । ସରକାରଙ୍କ ସମୟାନୁଯାୟୀ ପଦକ୍ଷେପ ଯୋଗୁ ଚଳିତବର୍ଷ ଗହମ ରପ୍ତାନୀ ରେକର୍ଡ ସୃଷ୍ଟି କରିବ । ରୁଷିଆରେ ଚିନିର ଅଭାବ ଦେଖାଯିବା ସ୍ଥଳେ ଭାରତ ସେଠାକାର ଚିନିବଜାରକୁ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଛି । ସରକାର ଯଦି ଏ ଦିଗରେ ଯୋଜନା କରନ୍ତି ତେବେ ଦେଶର ଚିନି ରପ୍ତାନୀ ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ । ଯୁଦ୍ଧ ପରିସ୍ଥିତି ଯୋଗୁ ୭ଟି ରାଷ୍ଟ୍ର ଏବେ ଭାରତରୁ ଗହମ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଗତ ୧୦ବର୍ଷ ହେବ ଭାରତରେ ଗହମ ଉତ୍ପାଦନ ବଢିବାରେ ଲାଗିଛି । ଇତି ମଧ୍ୟରେ ୬୨ଲକ୍ଷ ଟନ୍ ଗହମ ରପ୍ତାନୀ ପାଇଁ ଭାରତକୁ ଅର୍ଡର ମିଳିସାରିଛି । ସେମିତି ରପ୍ତାନୀ କ୍ଷେତ୍ରରେ ମୋବାଇଲ କମ୍ପାନୀମାନେ ୧୫ହଜାର କୋଟି ଟଙ୍କା ମୂଲ୍ୟର ମୋବାଇଲ ଭାରତରେ ନିର୍ମାଣ କରି ବିଦେଶକୁ ରପ୍ତାନୀ କରିଛନ୍ତି । ଜାମ୍ମୁ-କାଶ୍ମୀରରୁ ୩୭୦ଧାରା ହଟାଯିବା ପରଠାରୁ ସେ ଅଂଚଳରେ ଲୋକେ ସବୁପ୍ରକାର କେନ୍ଦ୍ରୀୟ ଯୋଜନା ସହ ଯୋଡି ହୋଇ ସୁବିଧା ପାଇବାରେ ଲାଗିଛନ୍ତି । ଯେମିତି ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପରି ଅନେକ ଯୋଜନାର ଲାଭ ସେଠାକାର ଲୋକେ ଉଠାଇବାରେ ଲାଗିଛନ୍ତି । ଇତି ମଧ୍ୟରେ ସାଉଦି ଆରବ ଓ ଏମିରେଟର ପ୍ରାୟ ୪୦ଜଣ ନିବେଶକାରୀ ପ୍ରଦେଶକୁ ଗସ୍ତକରି ୭୦୦୦୦କୋଟି ଟଙ୍କା ନିବେଶ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ ଲାଗି ଘୋଷଣା କରିଛନ୍ତି । ଦୁବାଇଠାରେ ପୂର୍ବରୁ ଏଥିପାଇଁ ଯେଉଁ ନିମନ୍ତ୍ରଣ ଦିଆଯାଇଥିଲା ତଦନୁସାରେ ବ୍ୟବସାୟୀମାନେ ଗସ୍ତକରି ବେଶ୍ ଖୁସିଥିବାର ପ୍ରକାଶ କରିଛନ୍ତି । ପୂର୍ବରୁ ଶ୍ରୀନଗରରେ ଦୁବାଇ ମଲ ସଦୃଶ ବିଶାଳକାୟ ପାଂଚଲକ୍ଷ ବର୍ଗ ଫୁଟର ମଲ ସ୍ଥାପନା ପାଇଁ ଇମାର ପ୍ରପର୍ଟିଜ ଘୋଷଣାକରି ବୁଝାମଣା କରିଛି । ଗତ ଡିସେମ୍ବର ମାସରେ ଜାମ୍ମୁ-କାଶ୍ମୀର ସରକାର ଜାମ୍ମୁଠାରେ ଯେଉଁ ଗୃହ ନିର୍ମାଣ ଆଲୋଚନାର ଆୟୋଜନ କରିଥିଲେ ସେଠାରେ ପ୍ରାୟ ୩୯ଗୋଟି ବୁଝାମଣାରେ ୧୯୦୦୦କୋଟିର ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି । ନିକଟରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡା ଭାରତ ଗସ୍ତରେ ଆସି ୪୨ ମିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ଘୋଷଣା କରିଛନ୍ତି । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମରିସନ୍ ଭାରତ ସହ ବାଣିଜ୍ୟିକ ସହଯୋଗ ବୃଦ୍ଧିପାଇଁ ଆଗାମୀ ଦିନରେ ୧୦୦ଟି କମ୍ପାନୀର ଅଧିକାରୀଙ୍କୁ ଭାରତକୁ ପଠାଇବାକୁ ନିଷ୍ପତି କରିଛନ୍ତି । ଅଷ୍ଟ୍ରେଲିଆ ସହ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଆଲୋଚନା ଜାରି ରହିଛି । ଏହା ସଫଳ ହେଲେ ଆଗାମୀ ଦିନରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧିପାଇବ । ଠିକ୍ ସେମିତି ୟୁରୋପୀୟ ସଂଘରୁ ବାହାରିଯିବା ପରେ ବାଣିଜ୍ୟିକ ସଙ୍କଟରେ ପଡିଥିବା ବ୍ରିଟେନ ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଆଗ୍ରହ ପ୍ରକାଶ କରିଛି । ମୋଦି ସରକାର ଏହି ସୁଯୋଗକୁ ଉପଯୋଗ କଲେ ଦେଶର ଢେର ଲାଭ ହେବ । କଥାହେଲା କଠିନ ସମୟରେ ନେତୃତ୍ୱର ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ । ମୋଦିଙ୍କ ନେତୃତ୍ୱ କୋରୋନାର ସଙ୍କଟ ଏବଂ ବର୍ତ୍ତମାନର ଯୁଦ୍ଧର ସଙ୍କଟ ମଧ୍ୟରେ ଯେପରି ଆର୍ଥିକ ସଫଳତା ଆଣିଦେଇଛି ତାହା ଦେଶବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଛି ।

# ଗୋଟିଏ ମଣିଷ, ଗୋଟିଏ ଗଛ

ସକାଳୁ ସକାଳୁ ଚା' ଦୋକାନରେ ବସିଥିବା ବେଳେ ଦେଖାହୋଇଗଲା ବିଜୟ ପ୍ରଧାନଙ୍କ ସହ । ସକାଳର ଶୁଭେଚ୍ଛା ଜଣାଉ ଜଣାଉ ଆରମ୍ଭ କଲେ, ଭାଇନା କି ଖରା ! ଚଳିତ ବର୍ଷ ଫେବୃଆରୀରୁ ଖରା ବାଘ ଭଳିଆ ମାଡିଆସିଲାଣି । ଏବେ ଠାରୁ ମୁଣ୍ଡଫଟା ଖରା ସକାଳ ୧୧ଟା ପରେ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି । ମୁଁ ଅଳପ ହସି କହିଲି- ବିଜୟ ବାବୁ, ଆମେ ସିନା ପଢିଲା ବେଳେ ପଢୁଥିଲୁ ବରଷକ ବାରମାସ, ଛଅ ଋତୁ । ଏବେ କିନ୍ତୁ ଛଅ ଋତୁ ସାତ ସପନ । ଋତୁ କହିଲେ ଏବେ ଗ୍ରୀଷ୍ମ, ବର୍ଷା, ଶୀତ । ଗ୍ରୀଷ୍ମର ପ୍ରକୋପ ଆଗରେ ହଜୁଛି ବସନ୍ତ, ଶରତ, ହେମନ୍ତ । ବିଶେଷକରି ଗ୍ରୀଷ୍ମର ପ୍ରକୋପ ଆଗରେ ଋତୁରାଜ ବସନ୍ତ ହଜିଯାଉଛି । ବିଜୟ ବାବୁ ମୋ କଥା ସହ ଏକମତ ହୋଇ କହିଲେ ହଁ ଭାଇନା, ଏହା ଠିକ୍ କଥା । ଏବେଠୁ ତ ଖରାର ପ୍ରକୋପ ଜଳେଇଲାଣି । ଆଗକୁ ଏହା ଆହୁରି ଅସମ୍ଭାଳ ହେବ । ଏବର୍ଷ ଫେବୃଆରୀ ମଧ୍ୟଭାଗରୁ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହରଭାବେ ପରିଚିତ ହୋଇଛି । ଏଠି ସର୍ବାଧିକ ତାପମାତ୍ରା ୪୦.୪ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ପୂର୍ବରୁ ମଧ୍ୟ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ରେକର୍ଡ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ଚଳିତବର୍ଷ ଭାଙ୍ଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି । ରାଜ୍ୟର ତାପମାତ୍ରା ଆଗକୁ ଆହୁରି ବଢିବ ବୋଲି ସୂଚନା ମିଳିଛି । ଗତ ଶନିବାର ୧୦ଟି ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡଘଡି ସହିତ ବର୍ଷା ହୋଇଛି । ଏଥିଯୋଗୁଁ ଗ୍ରୀଷ୍ମରୁ ସାମାନ୍ୟ ହ୍ରାସ ପାଇଛି । ଏସବୁ ସତ୍ତ୍ୱେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ତଥାପି ଆହୁରି ୩ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତନ ହେବାର ସମ୍ଭାବନା ନାହିଁ । ଏପରିକି କେତେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ଡିଗ୍ରୀରୁ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ବଢିବ । ବର୍ତମାନ ବାୟୁମଣ୍ଡଳରେ ଜଳୀବାଷ୍ପ କମ୍ ଥିବାରୁ ଉତ୍ତାପ ବଢି ଚାଲିଛି । ସେହିପରି ଆସନ୍ତା ଦିନରେ ରାଜ୍ୟର ତାପମାତ୍ରା ବଢିବା ସହ ୨୦୨୧ ଉତପ୍ତ ବର୍ଷ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଏଥିସହିତ ଚଳିତ ବର୍ଷ ଖରାଦିନ ଶୀଘ୍ର ଆସିଛି ଓ ଏହାର ଅବଧି ଲମ୍ବା ହେବ ବୋଲି କୁହାଯାଉଛି । ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ସୂଚନାଅନୁଯାୟୀ ମାର୍ଚ୍ଚ ୧ ସୁଦ୍ଧା ଅନୁଗୁଳ, ତାଳଚେର, ଟିଟିଲାଗଡ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଭବାନୀପାଟଣା, ନୟାଗଡ ଓ ମାଲକାନଗିରିରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁପାରେ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ୍ୟ ତାତି ଚିନ୍ତାଜନକ ହୋଇରହିବ । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଂଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଜାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା । ୨୦୧୬ରେ ୫୪ଜଣ,୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ,୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସବୁ କଥା ଶୁଣି ବିଜୟ ବାବୁ କହିଲେ, ଏଥିପାଇଁ ରାଜ୍ୟ ସରକାର କିଛି ଠୋସ୍ ପଦକ୍ଷେପ ନେଇଛନ୍ତି । ମୁଁ ହଁ କହିଲି । ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ସକାରଙ୍କ ପକ୍ଷରୁ ସତର୍କତା ଜାରି ହୋଇଛି । ଏସ୍‌ଆର୍‌ସି ପ୍ରଦୀପ କୁମାର ଜେନା ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ସେ ପୁଣି କହିଲେ ପାଣିପାଗ ବିଭାଗ କହୁଛି ଏବର୍ଷ ମେ' ଯାଏ ସିଝିବ ଦେଶ । ଏ ତାତିରୁ କଣ ନିସ୍ତାର ମିଳିବ ନାହିଁ ? ତାଙ୍କ ଠାରୁ ଏପରି କଥା ଶୁଣି ଆଲୋଚନାକୁ ଟିକେ ଆଗକୁ ବଢାଇ ମୁଁ କହିଲି, ବିଜୟ ବାବୁ ଏଥିପାଇଁ ଆମେ କ'ଣ ଦାୟୀ ନୁହେଁ ? ବଢି ଚାଲିଛି କଂକ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ୪୨ତମ ଶ୍ରୀ ଶ୍ୟାମ ଫାଗୁନ ମହୋତ୍ସବକୁ ନେଇ ମଙ୍ଗଳ ପାଠ



ରାଉରକେଲା, ୧୯/୩ (ନି/ପ୍ର): ରାଉରକେଲାର ବିର୍ସା ଡାହାର ରୋଡ ସ୍ଥିତ ଶ୍ୟାମ ମନ୍ଦିର ପରିସରରେ ୪୨ତମ ଶ୍ରୀ ଶ୍ୟାମ ଫାଲଗୁନ ମହୋତ୍ସବକୁ ନେଇ ଏକ ତିନି ଦିବସୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଆଜି ମଙ୍ଗଳବାର ସକାଳ ୯ଟା ସମୟରୁ ଶ୍ୟାମ ମଙ୍ଗଳ ପାଠର ଆୟୋଜନ କରାଯାଇଛି। ଏହା ସହିତ ଶ୍ୟାମ ବାବାଙ୍କୁ ଫୁଲରେ ସଜ୍ଜିତ କରାଯିବା ସହିତ ଦିବ୍ୟଜ୍ୟୋତି ଛପନ ଭୋଗ ଏବଂ ମନ୍ଦିରକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ମଙ୍ଗଳ ପାଠ ନିମନ୍ତେ ଝାଡଖଣ୍ଡ ଧନବାଦରୁ ପରିତୋଷ ଏବଂ ମିନୀ ମଙ୍ଗଳପାଠ କରିଥିଲେ। ଏଥିସହିତ ଶ୍ୟାମ ବାବାଙ୍କ ଭଜନ ମଝିରେ ମଝିରେ ଗାନ କରାଯାଇଥିଲା। ଏହି ମଙ୍ଗଳପାଠରେ ନାଲି ଶାଢୀ ଓ ନାଲି ଚୁନରୀ ସହିତ ଶତାଧିକ ବିବାହିତା ମହିଳା ଏହି ପାଠରେ ଭାଗ ନେଇଥିଲେ। ଶ୍ୟାମ ମଙ୍ଗଳ ପାଠ କରିବା ସହିତ ବାବାଙ୍କ କୀର୍ତ୍ତନ ମଧ କରାଯାଇଥିଲା। ଏହି ଅବସରରେ ମ୍ୟାଚ୍ ମ୍ୟୁଜିକାଲ୍ ଗ୍ରୁପ୍ ଦ୍ୱାରା ଏକ ସୁମଧୁର ସଂଗୀତ ଉପସ୍ଥାପିତ କରାଯାଇଥିଲା। ସେହିପରି ମାର୍ଚ୍ଚ ୨୦ ବୁଧବାର ଦିନ ଗ୍ରାଣ୍ଡ ନିଶାନ୍ ଶୋଭାଯାତ୍ରା ମଧ୍ୟାହ୍ନ ୧ଟା ୩୦ ସମୟରେ ଟ୍ରାଫିକ୍ ଗେଟର ପଟଂ ତୀର୍ଥ ମନ୍ଦିରରୁ ବାହାରିବାର କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ଶହ ଶହ ଶ୍ୟାମ ଭକ୍ତ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ସେଦିନ ସନ୍ଧ୍ୟା ୭ଟା ୩୦ ସମୟରେ ଭଜନ ସନ୍ଧ୍ୟା ଆୟୋଜିତ ହେବ। ଯେଉଁଥିରେ ବନାରସରୁ କୃଷ୍ଣ ଦାଧୀଚ ଜୟଶଙ୍କର ଚୌଧୁରୀ ଏବଂ ସ୍ଥାନୀୟ ଭଜନ କଳାକାର ବିଶାଲ ଶର୍ମାଙ୍କ ଦ୍ୱାରା ଶ୍ୟାମ ବାବାଙ୍କ ଭଜନ ପରିବେଷଣ କରାଯିବ। ଗୁରୁବାର, ମାର୍ଚ୍ଚ ୨୧ ତାରିଖରେ ମଧ୍ୟାହ୍ନ ୧୨ଟା ୩୦ ଠାରୁ ମହାପ୍ରସାଦ ସେବନର ଆୟୋଜନ କରାଯାଇଛି। ଆଜି ଶ୍ୟାମ ଅଖଣ୍ଡ ଜ୍ୟୋତି ପାଠକୁ ନେଇ ଶ୍ୟାମ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ହନୁମାନ ବାଟିକା ତ୍ରିଶକ୍ତି ମନ୍ଦିର ପରିସରରେ ଶ୍ୟାମ ବାବାଙ୍କ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜି ମଙ୍ଗଳବାର ଫାଲ୍ଗୁନ ମହୋତ୍ସବକୁ ନେଇ ମଧ୍ୟାହ୍ନରୁ ମନ୍ଦିର କମିଟି ଦ୍ୱାରା ଶ୍ୟାମ ମଙ୍ଗଳପାଠ ଆୟୋଜନ କରାଯାଇଛି। ଯେଉଁଥିରେ ଶ୍ୟାମ ବାବାଙ୍କ ଅଲୌକିକ ସିଙ୍ଗାର ସହିତ ଦିବ୍ୟଜ୍ୟୋତି ଜଳା ଯାଇଛି। ମନ୍ଦିର ପରିସରକୁ ଫୁଲରେ ସଜ୍ଜିତ କରାଯାଇଛି।

# ପାଗଳା କୁକୁର ଆତଙ୍କ, ୧୧ ଗୁରୁତର



ରାଉରକେଲା, ୧୯/୩ (ନି/ପ୍ର): ବଣାଇଁ ସହରରେ ଏକ ପାଗଳ କୁକୁର ଆତଙ୍କ ଚଳାଇଛି। କୁକୁର କାମୁଡ଼ାରେ ୧୧ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଗଳ କୁକୁରକୁ ଧରିବାକୁ ଧରିବାକୁ ପ୍ରୟାସ ଜାରି ରହିଛି। ଗତକାଲି ରାତିରୁ କାମୁଡ଼ା କୁକୁର ସହରର ବିଭିନ୍ନ ସ୍ଥାନରେ ପଥଚାରୀଙ୍କୁ କାମୁଡ଼ିଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେପଟେ ବନ ବିଭାଗକୁ ପାଗଳ କୁକୁର ସମ୍ପର୍କରେ ଖବର ମିଳିବା ପରେ ଏହାକୁ ଆୟନ୍ନ କରିବା ପାଇଁ ବିଭାଗ ତରଫରୁ ଚେଷ୍ଟା ଜାରି ରହିଛି।

# ବିଭିନ୍ନ ସଂଗଠନ ପକ୍ଷରୁ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆର୍ଶୀବାଦ ଗ୍ରହଣ କରୁଛନ୍ତି ବିଭିନ୍ନ ସଂଗଠନର ପଦାଧିକାରୀ

ରାଉରକେଲା, ୧୯/୩ (ନି/ପ୍ର): ରାଉରକେଲା ପାନପୋଷ ରୋଡ଼ ସ୍ଥିତ ମହାରାଜା ଅଗ୍ରସେନ ଭବନ ପରିସରରେ ବିଭିନ୍ନ ସଂଗଠନ ପକ୍ଷରୁ ଅନନ୍ତ ଶ୍ରୀ ବିଭୁଶିତ୍ ଦ୍ୱାରକା ସାରଦା ପୀଠ ଶ୍ରୀ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜ ଜୀଙ୍କୁ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହରିଆଣା ନାଗରିକ ସଂଘ ପକ୍ଷରୁ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହରିଆଣା ନାଗରିକ ସଂଘର ଅଧ୍ୟକ୍ଷ ନରେଶ ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସହରର ଅନେକ ସଂଗଠନର ପଦାଧିକାରୀମାନେ ଅଗ୍ରସେନ ଭବନରେ ପହଚିଂ ମହାରାଜା ଜୀଙ୍କୁ ମାଲ୍ୟାର୍ପଣ କରି ଆର୍ଶୀବାଦ ଗ୍ରହଣ କରିଥିଲେ। ବିଶେଷ କରି ରାଉରକେଲା ସହରର ହରିଆଣା ନାଗରିକ ସଂଘ, ରାଜସ୍ଥାନ ପରିଷଦ, ମହାରାଜା ଅଗ୍ରସେନ ସେବା ସଂଘ, ଶ୍ୱେତାମ୍ବର ତେରାପନ୍ଥୀ ଜୈନ ସମାଜ, ଅଖିଳ ଭାରତୀୟ ମାରୱାଡ଼ି ସମ୍ମିଳନୀ, ରାଉରକେଲା ବାଣିଜ୍ୟ ସଂଘ, ବିହାର ସାଂସ୍କୃତିକ ପରିଷଦ ସମେତ ସହରର ଅନେକ ସଂଗଠନର ପଦାଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ସହ ଜଗତଗୁରୁ ଶଙ୍କରାଚାର୍ଯ୍ୟାଙ୍କ ଆର୍ଶୀବାଦ ଗ୍ରହଣ କରି ପ୍ରବଚନ କଥା ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ହରିଆଣା ନାଗରିକ ସଂଘର ପଦାଧିକାରୀ ଟ୍ରଷ୍ଟି, ସଭ୍ୟ ଯୋଗ ଦେଇଥିଲେ।

# ନଦୀରେ ବୁଡ଼ିଗଲେ ଦୁଇ ଯୁବକ: ମିଳିଲା ଆଉ ଏକ ମୃତଦେହ

ରାଉରକେଲା, ୧୯/୩: କୋଏଲ ନଦୀ ପଠାକୁ ପିକ୍‌ନିକ୍ କରିବାକୁ ଯାଇ ନଦୀରେ ବୁଡ଼ି ଯାଇଥିଲେ ଦୁଇ ଯୁବକ। ଗତକାଲି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଆଜି ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ଦୀର୍ଘ ସମୟଧରି ଖୋଜାଖୋଜି କରିବାପରେ ଅନିକେତ ବୋଦ୍ରା (୧୯)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଭୟେ ସ୍ଥାନୀୟ ବୁଧୁବୀର ଆଇଟିଆଇର ପ୍ରଥମ ବର୍ଷ ଛାତ୍ର। ବ୍ୟବଚ୍ଛେଦ ପାଇଁ ଦୁଇ ଶବକୁ ମାର୍ଗ ହାଉସରେ ରଖାଯାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡା ଅଂଚଳର ୮ ଜଣ ଜଣ ଛାତ୍ର ସୋମବାର ପୂର୍ବାହ୍ନରେ ମିଟ୍‌କୁନ୍ଦୁରି କୋଏଲ ନଦୀ ପଠାକୁ ପିକନିକ୍ କରିବାକୁ ଯାଇଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ହେଉଛନ୍ତି ସ୍ଥାନୀୟ ବୁଧୁବୀର ଆଇଟିଆଇର ଛାତ୍ର। ପ୍ରାୟ ୩/୪ ଜଣ ଯୁବକ ଗାଧେଇବାକୁ ନଦୀ ଭିତରକୁ ଯାଇଥିଲେ। ଜଣେ ସାଙ୍ଗ ବୁଡ଼ି ଯାଉଥିବା ଦେଖି ନିତେଶ ମାହାତୋ (୨୧) ତାଙ୍କୁ ବଚାଂଇବାକୁ ଯାଇ ନଦୀ ଭିତରକୁ ପଶିଥିଲେ। ତେବେ ଚୋରାବାଲି ଯୋଗୁଁ ତାଙ୍କ ଗୋଡ଼ ଖସିବାରୁ ସେ ମଧ ବୁଡ଼ିଯାଇଥିଲେ। ଏନେଇ ସୂଚନା ପାଇ ଝିରପାଣି ପୁଲିସ ଘଟଣାସ୍ଥଳରେ ପହଚିଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବେଶ୍ କିଛି ସମୟପରେ ନିତେଶଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଜଣେ ଯୁବକ ନିଖୋଜ ଥିଲେ। ବିଶ୍ରା ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଆଇନ ମହାବିଦ୍ୟାଳୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ରାଉରକେଲା, ୧୯/୩: ରାଉରକେଲା ଆଇନ ମହାବିଦ୍ୟାଳୟ ଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷା ଡ ସମ୍ପାଦିକା ମହାନ୍ତିଙ୍କ ଅଧକ୍ଷତା କରିଥିବା ବେଳେ ରାଉରକେଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ଉପଭୋକ୍ତା ସଚେତନ ନହେଲେ ତାହାର ପରିଣାମ ଓ ସଚେତନ ହେଲେ ତା'ର ଉପକାରିତା ଉପରେ ଆଲୋକପାତ କରିଥିଲେ। ସେ ଏହି ଅବସରରେ ବିଭିନ୍ନ ଦେଶରେ ଥିବା ଆଇନ ର ଦୃଷ୍ଟାନ୍ତ ଦେଇ ଆନ୍ତର୍ଜାତିକ ଉପଭୋକ୍ତା ଅଧିକାର ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ସେମାନଙ୍କ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଉପଭୋକ୍ତା ସଚେତନତା ଉପରେ ନାଟକ ପ୍ରଦର୍ଶିତ କରାଯାଇଥିଲା। ପରେ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ମାନଙ୍କ ଦ୍ୱାରା ଏକ ସ୍ଲୋଗାନ ଶୋଭାଯାତ୍ରା ନୟାବଜାର ଅଂଚଳ ପରିକ୍ରମା କରି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଥିଲେ।



# ବଣାଇ ବନଖଣ୍ଡ ଅଚଂଳରେ ମହାବଳ ବାଘ



ବଣାଇ, ୧୯/୩ (ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣାଇ ବନଖଣ୍ଡ ବରସୁଆଁ ବାନାଚଂଳ ର ତୋଡ଼ା ସରଂକ୍ଷୀତ ଜଙ୍ଗଲରେ ଏକ ମହାବଳ ବାଘ ଦେଖିବାକୁ ମିଳିଛି. ଜଙ୍ଗଲରେ ଲଗା ଯାଇ ଥିବା କେମେରାରେ ଗତ ଫେବୃଆରୀ ମାସ ୨୬ ତାରିଖ ସନ୍ଧ୍ୟା ସମୟରେ ଟ୍ରାକ ହେବା ପରେ ଏହା ଏକ ମହାବଳ ବାଘ ବୋଲି ଜଣା ପଡିଛି। ଏହି ବାଘଟି ମଧ୍ୟପ୍ରଦେଶର ଟାଇଗର ଜୋନରୁ ଆସି ଥିବା ଅନୁମାନ କରାଯାଉଛି। ସାମ୍ବାଦିକ ସମିଳନୀରେ ବଣାଇ ଡିଏଫଓ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ଆଜିଠାରୁ ବାଘ ଟ୍ରାକ ହୋଇଥିବା ଅଚଂଳରେ ଲୋକଙ୍କୁ ଜଙ୍ଗଲକୁ ନଯିବା ପାଇଁ ସଚେତନ କରାଯିବା ସହିତ ବାଘର ଗତିବିଧିକୁ ଟ୍ରାକ କରିବା ପାଇଁ ଆହୁରି ୪୦ ଗୋଟି କେମେରା ଲଗା ଯିବାର ବ୍ୟବସ୍ଥା କରା ଯାଉଛି ବୋଲି ସୂଚନା ଦେଇଛନ୍ତି। କିଛି ଦିନ ତଳେ ସୁନ୍ଦରଗଡ ଜିଲ୍ଲା ହେମଗିରି ସରଂକ୍ଷୀତ ଜଙ୍ଗଲରେ ଏକ ବିଲୁପ୍ତ କଳାବାଘ ଠାବ ହୋଇଥିବା ବେଳେ ଆଜି ପୁଣି ସୁନ୍ଦରଗଡ ଜିଲ୍ଲା ବଣେଇ ବନଖଣ୍ଡର ବରସୁଆଁ ବନାଂଚଳ ତୋଡା ସରଂକ୍ଷୀତ ଜଙ୍ଗଲରେ ଏକ ମହାବଳ ବାଘ ବନ ବିଭାଗ କେମେରାରେ ଠାବ ହୋଇଛି। ଦୀର୍ଘ ଦୁଇ ଦଶନ୍ଧି ପରେ ବଣେଇ ବନ ଖଣ୍ଡରେ ପୁନର୍ବାର ବାଘ ଠାବ ହୋଇଥିବା ସୂଚନା ଦେଇ ଛନ୍ତି ବଣେଇ ଡିଏଫ୍‌ଓ ଲଳିତ କୁମାର ପାତ୍ର।

# ଏବିଭିପି ପକ୍ଷରୁ ରାଷ୍ଟ୍ରୀୟ କଳା ମଚଂର ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

ଭଦ୍ରକ, ୧୯/୩: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କଳା ପ୍ରତି ରୁଚି ରଖୁଥିବା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶାର ପୂର୍ବତନ ରାଜ୍ୟ ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଏବିଭିପିର ପୂର୍ବତନ ଜିଲ୍ଲା ପ୍ରମୁଖ ତଥା ବରିଷ୍ଠ ସମାଜସେବୀ ଅମ୍ବିକା ପ୍ରସନ୍ନ ଦାସ, ନୃତ୍ୟ ଗୁରୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକ, କବି କୈଳାଶ ଦାସ ଯୋଗ ଦେଇଥିଲେ ନଅଟି ବିଭାଗର କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନୀତ କରିଥିଲେ। ଚଳିତ ମାସ ୧୯,୨୦,୨୧ ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନେ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣନ୍ତୁ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ସଫଳ ପ୍ରତିଯୋଗୀ ମାନଙ୍କୁ ଆହ୍ୱାନ କରିଥିଲେ। କଳା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କ ଭୂମିକା ଏବଂ ପ୍ରତିଭା ସଙ୍ଗମ ଆୟୋଜନ ବିଷୟରେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ବାଲେଶ୍ୱର ବିଭାଗ ରାଷ୍ଟ୍ରୀୟ କଳା ମଚଂ ସଂଯୋଜିକା ପ୍ରିୟଙ୍କା ଦାଶ, ଜିଲ୍ଲା ସହ ସଂଯୋଜକ ଅରବିନ୍ଦ

# ସେଲ ଆରଏସପିର କଚାଂମାଲ ପ୍ରବନ୍ଧନ ବିଭାଗରେ ଉନ୍ନତିକୃତ ଅଟୋମେସନ୍ ସିଷ୍ଟମ୍ ଉଦଘାଟିତ



ରାଉରକେଲା, ୧୯/୩ (ନି/ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କଚାଂମାଲ ପ୍ରବନ୍ଧନ ବିଭାଗର ଫେଜ-୧ ଓ ଫେଜ-୨ରେ ପିଏଲସି ଏବଂ ଅଟୋମେଶନ ସିଷ୍ଟମ ନିମନ୍ତେ ଆରଆଇଓ ମଡ୍ୟୁଲ୍ ର ଏକ ଅପ୍-ଗ୍ରେଡେଡ ୧୭୭୧ ସିରିଜ୍ କୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ ମାର୍ଚ୍ଚ ୧୬ ତାରିଖରେ ଉଦଘାଟନ କରିଥିଲେ। ଏହି ଅବସରରେ ଆରଏମଏଚପି ବିଭାଗ ର ସିଜିଏମ ଶ୍ରୀ ଏସ୍ ଏସ ରାୟଚୌଧୁରୀଙ୍କ ସମେତ କାରଖାନାର ବହୁ ଅନ୍ୟ ବିଭାଗ ସି ଜି ଏମ, ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆର ଏମ ଏଚ ପି ବିଭାଗର ଫେଜ-୧ ଓ ଫେଜ-୨ ୟୁନିଟ ବ୍ଲାଷ୍ଟ ଫର୍ଣ୍ଣେସ୍ ୧ ,୪ ଏବଂ ୫, ସିଟଂରିଂ ପ୍ଲାଂଟ ୧ ଏବଂ ୨ , ଏଲ ଡି ବି ପି, କାଲସାଇନିଂ ପ୍ଲାଂଟ -୨ କୁ ଅନଲୋଡ଼ିଂ, ଷ୍ଟାକିଂ ଏବଂ ଡେସପାଚ ସୁନିଶ୍ଚିତ କରିଥାଏ। ୧୯୯୪ ମସିହା ରେ ରକୱେଲ ମେକ୍ ପିଏଲସି କମିଶନ ହୋଇଥିଲା। ଏହାର ଇଲେକ୍ଟ୍ରିକାଲ୍ କଣ୍ଟ୍ରୋଂଲ୍ ସିଷ୍ଟମରେ ସ୍ଥାପିତ ୧୭୭୧ ସିରିଜ୍ ମଡ୍ୟୁଲ୍ ୧୦ ବର୍ଷ ପୂର୍ବେ ପୁରୁଣା ହୋଇଯାଇଥିଲା। ଏହି ମଡ୍ୟୁଲ୍ ନିର୍ମାତାମାନେ ଏହାର ଯନ୍ତ୍ରାଂଶଗୁଡ଼ିକର ଉତ୍ପାଦନ ବନ୍ଦ କରିଦେଇଥିଲେ। ଅପରେସନ୍ ଅନବରତ ରଖିବା ପାଇଁ ତ୍ରୁଟିପୂର୍ଣ୍ଣ ମଡ୍ୟୁଲ୍ ଗୁଡିକ ନିଜସ୍ୱ ରୂପେ ମରାମତି କରାଯାଉଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଏହି ଯନ୍ତ୍ରାଂଶ ଉପଲବ୍ଧତା ନଥିବାର ଫଳସ୍ୱରୂପ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆର ଏମ ଏଚ ପି ବିଭାଗର ବିଭାଗୀୟ ଦଳ ଏହି ଆହ୍ୱାନ କୁ ଗ୍ରହଣ କରିଥିଲେ ଏବଂ ଏକ ସ୍କିମ୍ ପ୍ରସ୍ତୁତ କଲେ ଯାହାଫଳରେ ଏକ ନୂତନ କଣ୍ଟ୍ରୋଂଲ୍ ଲଜିକ୍ ଇନପୁଟ୍ / ।ଉଟପୁଟ୍ ମଡ୍ୟୁଲ୍ କ୍ରୟ କରାଯାଇଥିଲା। ଦ୍ରୁତ ଡାଟା ଟ୍ରାନ୍ସମିସନ୍ ପାଇଁ ପୁରୁଣା ଡାଟା ହାଇୱେ ପ୍ଲସ୍ ନେଟୱାର୍କକୁ ଫାଇବର ଅପ୍ଟିକ୍, ବ୍ୟାଣ୍ଡୱିଡଥ୍ ଏବଂ ଉନ୍ନତ ନିର୍ଭରଯୋଗ୍ୟ ଇଥରନେଟ୍ ଟେକ୍ନୋଲୋଜି ସହିତ ବଦଳାଯାଇଥିଲା। ଏହି ଏ ଏମ ଆର ପ୍ରକଳ୍ପ ପାଇଁ କାର୍ଯ୍ୟକାରୀ ଅବଧି ୮ ମାସ ଥିଲା କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ସମାପ୍ତ ହୋଇଥିଲା। ଫେଜ-୧ ଓ ୨ ର ୧୩ ଟି ବିଭିନ୍ନ ସବ୍-ଷ୍ଟେସନ୍ ରେ ଆର ଏମ ଏଚ ପି ବିଭାଗ ର ପିଏଲସି ଓ ଅଟୋମେସନ୍ ସିଷ୍ଟମ୍ ପାଇଁ ୩୪ ଟି ରିଓ ଷ୍ଟେସନର ସ୍ଥାପନା ଏବଂ ୨୦ କିଲୋମିଟର ଫାଇବର ଅପ୍ଟିକ୍ କେବୁଲ୍ ବିଛେଇବା କାର୍ଯ୍ୟ ଉତ୍ପାଦନକୁ ଗୁରୁତର ଭାବରେ ବାଧା ନ ଦେଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଥିଲା। ଏହି ଉନ୍ନୟନମୂଳକ ପଦକ୍ଷେପର ସମ୍ପାଦନର ନେତୃତ୍ୱ ଆର ଏମ ଏଚ ପି ବିଭାଗର ଏଜିଏମ, ଶ୍ରୀ କେ ମହାନ୍ତ, ଏଜିଏମ୍, ଶ୍ରୀ ଏନ.କେ ପରିଡା, ସିନିୟର ମ୍ୟାନେଜର ଶ୍ରୀ ବି କେ ବେହେରା, ଡେପୁଟି ମ୍ୟାନେଜର, ଶ୍ରୀ ଏସ୍ ପାଣିଗ୍ରାହୀ, ଏମଓଏମଟି, ଶ୍ରୀ ଏସ୍ କେ ସାମଲ, ଏମ ଏମ ଓ ଟି ଶ୍ରୀ ଏମ ଆର ପଣ୍ଡା ଏବଂ ଏମ ଓ ଏମ ଟି ଶ୍ରୀ ଏସ.କେ ଗୌଡ ହୋଇଥିଲା। ଏହି କାର୍ଯ୍ୟ ଆର ଏମ ଏଚ ପି ବିଭାଗର ସି ଜି ଏମ ଶ୍ରୀ ଏସ ଏସ ରାୟ ଚୌଧୁରୀ, ଇଲେକଟ୍ରିକାଲ ବିଭାଗର ଜି ଏମ ଇନ ଚାର୍ଜ ଶ୍ରୀ ଏମ କେ ଗିରି, ଇଲେକଟ୍ରିକାଲ ବିଭାଗର ଜି ଏମ ଶ୍ରୀ ଏସ ରଣା, ଏବଂ ଇଲେକଟ୍ରିକାଲ ବିଭାଗର ଡି ଜି ଏମ ଶ୍ରୀ ଏସ କୁମାର ଙ୍କ ତତ୍ତ୍ୱାବଧାନରେ ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଆର ଏମ ଏଚ ପି ବିଭାଗର ଏହି ଉନ୍ନତିକରଣ ପ୍ରକଳ୍ପର ସଫଳ ସମ୍ପାଦନା ଏକ ମାଇଲଖୁଁ[ ପ୍ରତିପାଦିତ କରୁଛି ଯାହା ନୂତନତ୍ୱ ଏବଂ ନିରନ୍ତର ଉନ୍ନତି ପାଇଁ ସେଲ ର ସକ୍ରିୟ ଆଭିମୁଖ୍ୟକୁ ଦର୍ଶାଏ। ୨୦୨୪-୨୫ର ଆହ୍ୱାନମୂଳକ ଲକ୍ଷ୍ୟ ହାସଲରେ ଏହା ନିଶ୍ଚିତ ଭାବରେ ଆର ଏସ ପି କୁ ସାହାଯ୍ୟ କରିବ।